# ବରଗଡ଼ ଜିଲ୍ଲା ଇକୋ-କ୍ଲବ୍ ମାଷ୍ଟର ଟ୍ରେନରଙ୍କ ବ୍ୟକ୍ତିଗତ ଉଦ୍ୟମରେ ଜଙ୍ଗଲ ସୃଷ୍ଟି

ବୃକ୍ଷ ହିଁ ଜୀବନ । ଏକଥା ଜାଣି ମଧ୍ୟ ମଣିଷ ନିଜ ସ୍ୱାର୍ଥସାଧନ ପାଇଁ ଅନବରତ ଭାବେ ଗଛ କାଟି ଚାଲିଛି । ଋତୁହରା ପୃଥିବୀରେ ଏବେ ବର୍ଷା ନାହିଁ ବା ଅସମୟରେ ବର୍ଷା ହେଉଥିବା ବେଳେ ଗ୍ରୀଷ୍ମର ପ୍ରକୋପ ବଢ଼ି ଯାଇଛି । ପୂର୍ବର ସ୍ଥିତି ଫେରାଇ ଆଣିବା ପାଇଁ ବୃକ୍ଷରୋପଣ ଓ ନୂତନ ଜଙ୍ଗଲ ସୃଷ୍ଟିକୁ ସରକାର ପ୍ରାଧାନ୍ୟ ଦେଉଥିଲେ ମଧ୍ୟ ଶତପ୍ରତିଶତ ସମ୍ଭବପର ହୋଇପାରୁନାହିଁ । ଅପରପକ୍ଷେ ଦିନକୁଦିନ ଅବଶିଷ୍ଟ ବୃକ୍ଷ ହାଣମୁହଁକୁ ଆସିଯାଇଛି । ଭବିଷ୍ୟତର ଦୁଃସ୍ଥିତିକୁ ନେଇ ସାଧାରଣରେ ଉଦାସୀନତା ଭରି ରହିଥିବା ବେଳେ ଆଶାର କିରଣ ସାଜିଛନ୍ତି ବରଗଡ଼ର ଜଣେ ଶିକ୍ଷକ ଡୋଳାମଣି ଶତପଥୀ । ନିଜ ଦରମାରୁ ଜମିକିଣି ସେଥିରେ ନିଜପାଇଁ ଚାଷବାସ ବା ଫାର୍ମହାଉସ୍ ନକରି ଏକ ଘଞ୍ଚ ଜଙ୍ଗଲ ସୃଷ୍ଟି କରିଛନ୍ତି । ଏହି ଜଙ୍ଗଲ ଏବେ ବିଭିନ୍ନ ପଶୁପକ୍ଷୀଙ୍କ ଚରାଭୂଇଁ ପାଟଲିଛି । ବ୍ୟକ୍ତିଗତ ଉଦ୍ୟମରେ ଏକ ଅଘୋଷିତ ଅଭୟାରଣ୍ୟ ସୃଷ୍ଟିକରି ବନବିଭାଗ ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଶିକ୍ଷକ ଶ୍ରୀଯୁକ୍ତ ଡୋଳାମଣି ଶତପଥୀ ।

ଶିକ୍ଷକତା ବୃତ୍ତି ଭିତରେ ଥାଇ ମଧ୍ୟ ତାଙ୍କ ଭିତରେ ପରିବେଶ ପ୍ରତି ଥିବା ପ୍ରଗାଢ଼ ନିଷ୍ଠା ଯୋଗୁ ଏହା ସମ୍ଭବ ହୋଇପାରିଛି । ବରଗଡ଼ ଜିଲ୍ଲାର ଆମ୍ଭାଭୋନା ବ୍ଲକ୍‌ର ବାସିନ୍ଦା ଶ୍ରୀ ଡୋଳାମଣି ଶତପଥୀ ପିଲାଦିନରୁ ଘଞ୍ଚ ଜଙ୍ଗଲ ମଧ୍ୟରେ ବଡ଼ ହୋଇଥିଲେ । କିନ୍ତୁ ବୟସ ବଢ଼ିବା ସହିତ ଜଙ୍ଗଲ ଧ୍ୱଂସକୁ ମଧ୍ୟ ନିଜ ଆଖିରେ ଦେଖି ମର୍ମାହତ ହୋଇ ପଡ଼ିଥିଲେ । ୧୯୯୮ ମସିହାରେ ଡୁଙ୍ଗୁରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ବାର ପାହାଡ଼ ପାଦଦେଶରେ ଥିବା ଗ୍ରାମ ସନ୍ତୁରାରେ ଅଢ଼େଇଲକ୍ଷ ଟଙ୍କା ଦେଇ ୧୪ ଏକର ପରିତ୍ୟକ୍ତ ଜମି କିଣିଥିଲେ ।

ମାତ୍ର ସେହି ଜମିରେ ସେ ଚାଷବାସ ନକରି ଦୁଇଜଣ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ବିଭିନ୍ନ କିସମର ଜଙ୍ଗଲି ଗଛର ଚାରା ରୋପଣ କରିଥିଲେ । ସେଦିନର ସେହି ଛୋଟ ପ୍ରୟାସ ଆଜି ଏକ ଘଞ୍ଚ ଜଙ୍ଗଲରେ ପରିଣତ ହୋଇ ସାରିଛି । ଶାଳ, ପିଆଶାଳ, ନିମ, ଶିଶୁ, ଶାଗୁଆନ୍, ବାଉଁଶଭଳି ଜଙ୍ଗଲି ଗଛ ସହିତ ହରିଡ଼ା, ବାହାଡ଼ା, ଅଁଳା, ମହୁଲ, ଭେରୁଅାଁଭଳି ଔଷଧୀୟ ବୃକ୍ଷରେ ଭରପୂର ଡୋଳାମଣିଙ୍କ ଜଙ୍ଗଲ ଆଜି ଅନ୍ୟ ସାଧାରଣ ଜଙ୍ଗଲଠାରୁ ମଧ୍ୟ ଅଧିକ ଆକର୍ଷଣୀୟ ହୋଇପାରିଛି । ମୟୁର, ଜଙ୍ଗଲି ବାର୍‌ହା, ହରିଣ, ସମ୍ବର, କୁଟୁରା, ବନପୋଢ଼, ନୀଳଗାଇ ଓ ହାତୀ ତଥା ଅଜଗର ସାପ ବରଗଡ଼ ଜିଲ୍ଲାର ଏହି ଘରୋଇ ଜଙ୍ଗଲର ଘଞ୍ଚତାକୁ ପ୍ରମାଣିତ କରିଛନ୍ତି ।





*ଶିକ୍ଷକ ଶ୍ରୀଯୁକ୍ତ ଡୋଳାମଣି ଶତପଥୀ*

ଗଛ କିଭଳି ବନ୍ୟା, ମରୁଡ଼ି, ମୃତ୍ତିକାକ୍ଷୟ ରୋକିବାରେ ସକ୍ଷମ ହୁଏ ବୋଲି ଖାଲି ଶିକ୍ଷାଦାନ ନକରି ତାକୁ ବାସ୍ତବ ଜୀବନରେ ପ୍ରୟୋଗ କରିବାକୁ ମନସ୍ଥ କରିଥିଲେ ଡୋଳାମଣି । ସେଥିପାଇଁ ସଞ୍ଚିତ ଅର୍ଥରୁ କିଣିଥିବା ଜମିରେ ଦୁଇଜଣ ସହଯୋଗୀଙ୍କୁ ନିଯୁକ୍ତ ଦେଇ ବୃକ୍ଷରୋପଣ ଆରମ୍ଭ କରିଥିଲେ । ସେହି ଦୁଇ ବ୍ୟକ୍ତି ସେଠାରେ କୁଡ଼ିଆ ଘର ତୋଳି ରହିବା ସହିତ ବୃକ୍ଷରାଜିର ସେବା-ଶୁଶ୍ରୂଷାକରି ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଛନ୍ତି । ସ୍କୁଲରୁ ବିରତି ମିଳିଲା ମାତ୍ରକେ ଧାଇଁ ଆସୁଥିବା ବେଳେ ବର୍ତ୍ତମାନର ଲକ୍‌ଡାଉନ୍ ତାଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି ବୋଲି କୁହନ୍ତି ଡୋଳାମଣି । ଏଥିପାଇଁ ପ୍ରୋତ୍ସାହନ ଭାବେ ଓଡ଼ିଶା ସରକାରଙ୍କ ବନ ଓ ପରିବେଶ ବିଭାଗ ଡୋଳାମଣି ଶତପଥୀଙ୍କୁ ଦୁଇଥର ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନୀତ କରିଥିବା ବେଳେ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ସଂରକ୍ଷଣ ସମ୍ମାନ ପ୍ରଦାନ କରିଛନ୍ତି । ଏବେ ବି ଦିନର ଅର୍ଦ୍ଧାଧିକ ସମୟ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ ଖର୍ଚ୍ଚ କରିଥାଆନ୍ତି ଡୋଳାମଣି । ବାର ପାହାଡ଼ ପାଦଦେଶରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟ ଓ ଏହା ସଂଲଗ୍ନ ଝରଣା ଘେର ଭିତରେ ଥିବା ସନ୍ତୁରା ଏବଂ ତା'ଭିତରେ ଥିବା ଡୋଳାମଣିଙ୍କ ନିଜସ୍ୱ ଜଙ୍ଗଲ ଆଜି ବରଗଡ଼ ପାଇଁ ଗର୍ବ ଓ ଗୌରବ ପାଲଟିଛି ।